OPEN ACCESS

*Int. Jr. of Contemp. Res. in Multi.* *PEER-REVIEWED JOURNAL* *Volume 4 Issue 3 [May-Jun] Year 2025*




*Research Article*

# ଗୁରୁପ୍ରସାଦଙ୍କ 'କାଳପୁରୁଷ' ଓ ଟି.ଏସ୍.ଏଲିଅଟ୍‌ଙ୍କ 'ଦି ୱେଷ୍ଟ୍ ଲ୍ୟାଣ୍ଡ୍': ଏକ ଅଧ୍ୟୟନ

**ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ**

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, କଳିଙ୍ଗ ମହାବିଦ୍ୟାଳୟ, ଘୁ. ଉଦୟଗିରି, କନ୍ଧମାଳ, ଓଡ଼ିଶା, ଭାରତ

**Corresponding Author:** ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ

**DOI:** https://doi.org/10.5281/zenodo.20372623

**ସାରାଂଶ**

'କାଳପୁରୁଷ' ଓ 'ଦି ୱେଷ୍ଟ୍ ଲ୍ୟାଣ୍ଡ୍' (The Waste Land) ପାଠକକୁ ମାନବୀୟ ସଭ୍ୟତାର ଅବକ୍ଷୟ ଓ ନୈତିକ ସଂକଟର ଦୁଇଟି ଭିନ୍ନ ଭୌଗୋଳିକ ଚିତ୍ରପଟ ସହ ପରିଚିତ କରାଏ। ପ୍ରଥମ ବିଶ୍ୱଯୁଦ୍ଧୋତ୍ତର ବିପର୍ଯ୍ୟସ୍ତ ଇଉରୋପୀୟ ଜନଜୀବନ ଓ ଯୁଗଯନ୍ତ୍ରଣାକୁ ନେଇ ଟି.ଏସ୍. ଏଲିଅଟ୍ ଯେଉଁ କାବ୍ୟିକ ପରୀକ୍ଷାନିରୀକ୍ଷା କରିଥିଲେ, ତାରି ଆତ୍ମିକ ଓ ଆଂଗିକ ପ୍ରଭାବରେ ଓଡ଼ିଆ କବି ଗୁରୁପ୍ରସାଦ ମହାନ୍ତିଙ୍କ 'କାଳପୁରୁଷ' ରଚ୍ଚିମନ୍ତ। ଏହି ଆଲୋଚନାତ୍ମକ ନିବନ୍ଧରେ ଉଭୟ କାବ୍ୟସୃଷ୍ଟିର ସାଦୃଶ୍ୟ ଓ ବୈସାଦୃଶ୍ୟକୁ ତୁଳନାତ୍ମକ ସାହିତ୍ୟ ଦୃଷ୍ଟିକୋଣରୁ ବିଶ୍ଳେଷଣ କରାଯାଇଛି। ଏଲିଅଟ୍ ପାଶ୍ଚାତ୍ୟ ପୁରାଣ, ବାଇବେଲ୍ ଓ ସଂସ୍କୃତ ଉପନିଷଦ୍ ଭିତ୍ତିରେ 'ଦି ୱେଷ୍ଟ୍ ଲ୍ୟାଣ୍ଡ୍'ର ପରିକଳ୍ପନା କରିଥିବା ବେଳେ, ଗୁରୁପ୍ରସାଦ ମହାଭାରତର 'ମୂଷଳ ପର୍ବ', ଭାଗବତର ଉଦ୍ଧବ-ଅକ୍ରୂର ଚରିତ୍ର ଏବଂ ରାଜା ପରୀକ୍ଷିତଙ୍କ ମିଥ୍ ମାଧ୍ୟମରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର ରୁଗ୍‌ଣ ମାନସିକତା, ଛଳନା ଓ ନିଃସଙ୍ଗତାକୁ ରୂପାୟନ କରିଛନ୍ତି। ଏଲିଅଟ୍‌ଙ୍କ 'ଏପ୍ରିଲ୍'ର ନିଷ୍ଠୁରତା ଗୁରୁପ୍ରସାଦଙ୍କ 'ବର୍ଷାଋତୁ'ର ନିର୍ମମତା ଭିତରେ ପ୍ରତିଧ୍ୱନିତ। ଲଣ୍ଡନ ବ୍ରିଜ୍‌ର ଛାୟାମୂର୍ତ୍ତିମାନେ ଏଠାରେ ରାଣୀହାଟ ପଥର ପୋଲର ନିରନ୍ନ ଜନତା ଭାବେ ଉଭା ହୋଇଛନ୍ତି। ବସ୍ତୁତଃ, ପ୍ରାବନ୍ଧିକ ଉଭୟ କବିତାର ପାଞ୍ଚୋଟି ପର୍ଯ୍ୟାୟଗତ ବିବର୍ତ୍ତନକୁ ଆଧାର କରି ଦର୍ଶାଇଛନ୍ତି ଯେ 'କାଳପୁରୁଷ' କେବଳ ଏକ ଅନୁକରଣ ନୁହେଁ, ବରଂ ଓଡ଼ିଆ ମାଟି ଓ ସଂସ୍କୃତିର ସଂସ୍କାର ଭିତରେ ବ୍ୟକ୍ତି ଚେତନାକୁ ବିଶ୍ୱ-ଚେତନାରେ ରୂପାନ୍ତରିତ କରିବାର ଏକ ସାରସ୍ୱତ ଉଦ୍ୟମ।

**Manuscript Information**

- **ISSN No:** 2583-7397
- **Received:** 04-07-2025
- **Accepted:** 28-08-2025
- **Published:** 30-08-2025
- **IJCRM:**4(3); 2025: 779-784
- **©2025, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. ଗୁରୁପ୍ରସାଦଙ୍କ 'କାଳପୁରୁଷ' ଓ ଟି.ଏସ୍.ଏଲିଅଟ୍‌ଙ୍କ 'ଦି ୱେଷ୍ଟ୍ ଲ୍ୟାଣ୍ଡ୍': ଏକ ଅଧ୍ୟୟନ. Int J Contemp Res Multidiscip. 2025;4(3):779-784.

**Access this Article Online**

www.multiarticlesjournal.com

**ମୁଖ୍ୟ ଶବ୍ଦାବଳୀ :** ତୁଳନାତ୍ମକ ସାହିତ୍ୟ, ଯୁଗଯନ୍ତ୍ରଣା, ପୌରାଣିକ ମିଥ୍, କାଳପୁରୁଷ, ଦି ୱେଷ୍ଟ୍ ଲ୍ୟାଣ୍ଡ୍, ନିଃସଙ୍ଗତାବୋଧ


© 2025 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ପ୍ରସ୍ତାବନା

ସାହିତ୍ୟ କବି ମନିଷଟିର କ୍ରାନ୍ତିକାରୀ ମନର ଶାବ୍ଦିକ ଅଭିବ୍ୟକ୍ତି। ଗୋଟିଏ ବ୍ୟକ୍ତି ପାଖରେ ଏହାର ପରିସର ସୀମିତ ନୁହେଁ,; ସମଗ୍ର ମାନବ ଜାତି ପର୍ଯ୍ୟନ୍ତ ଏହାର ପ୍ରସାରଣଶୀଳ। ବ୍ୟକ୍ତି ମନର ଅନୁଭବ ଯେତେବେଳେ ଶବ୍ଦ ରୂପ ନେଇ ସାହିତ୍ୟରେ ପରିଣତ ହୋଇଯାଏ, ସେତେବେଳେ ତାହା ସଂଚରଣଶୀଳ ରୂପ ନେଇ ସର୍ବବ୍ୟାପୀ ହୋଇ ଯାଇଥାଏ। ତେଣୁ ତାହା କେତେବେଳେ ପୂର୍ବସୂରୀଙ୍କ ପ୍ରଭାବରେ ପ୍ରଭାବିତ ହୋଇଥାଏତ, ପୁଣି କେତେବେଳେ ପରବର୍ତ୍ତୀ ପିଢ଼ି ପାଇଁ ପ୍ରେରଣା ଦାୟକ ହୋଇଥାଏ। ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡକୁ ଅତିକ୍ରମ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହେବା ହିଁ ବାସ୍ତବରେ ସତ୍ ସାହିତ୍ୟର ଲକ୍ଷଣ ବୋଲି ସ୍ୱୀକାର କରାଯାଇପାରେ। ଏ କ୍ଷେତ୍ରରେ ତୁଳନାତ୍ମକ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବସ୍ତୁତଃ କେଉଁ ଭାଷାର ସାହିତ୍ୟ କ୍ଷଣକାଳକୁ କେତେ ପରିମାଣରେ ଚିରକାଳ କରି ଦେଇ ପାରିଛି, ବ୍ୟକ୍ତି ଚେତନାକୁ କେତେ ପରିମାଣରେ ବିଶ୍ୱ-ଚେତନାରେ ରୂପାନ୍ତରିତ କରି ଦେଇଛି, କେତେ ପରିମାଣରେ ମଣିଷର ସଂକଟ, ଜିଜ୍ଞାସା, ଅନ୍ୱେଷା ଓ ଆତ୍ମ ପରିଚୟକୁ ସ୍ପଷ୍ଟ କରିଦେଇ ପାରିଛି, ତାହା କେବଳ ତୁଳନାତ୍ମକ ଅଧ୍ୟୟନ ଓ ବିଚାର ଦ୍ୱାରା ଜଣାଯାଏ। ଅତଏବ ଗୋଟିଏ ଭାଷାରେ ରଚିତ ସାହିତ୍ୟ ସହିତ ଅନ୍ୟ ଏକ ଭାଷାରେ ବା ଏକାଧିକ ଭାଷାରେ ରଚିତ ସାହିତ୍ୟକୁ ଆଂଗିକ (Structure), ଆତ୍ମିକ (Texture) ଓ ପ୍ରଭାବ (Impact) ଦୃଷ୍ଟିରୁ ତୁଳନା କଲେ ଏକ ସାଧାରଣ ସତ୍ୟରେ ପାଠକ ଉପନୀତ ହୁଏ ଓ କରାଯାଇଥିବା ସାହିତ୍ୟର ସାଦୃଶ୍ୟ ଓ ବୈସାଦୃଶ୍ୟ ନିର୍ଦ୍ଧାରିତ ହୋଇଯାଏ। ଏହି ଦୃଷ୍ଟିରୁ ତୁଳନାତ୍ମକ ବିଚାରଧାରାରେ ଗୁରୁପ୍ରସାଦ ମହାନ୍ତିଙ୍କ "କାଳପୁରୁଷ ଓ ଟି.ଏସ୍. ଏଲିଅୟଟ୍‌ଙ୍କ 'ଦି ୱେଷ୍ଟଲେଣ୍ଡ 'ର ମୂଲ୍ୟାୟନ ପରିପ୍ରେକ୍ଷାରେ ଆଲୋଚ୍ୟ ପ୍ରବନ୍ଧର ପରିକଳ୍ପନା ବୋଲି ସ୍ୱୀକାର କରାଯାଇପାରେ।

ବସ୍ତୁତଃ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ପ୍ରଜ୍ଞା ପୁରୁଷ ଭାବରେ ଗୁରୁପ୍ରସାଦ ସ୍ୱୀକୃତ ଓ ସମ୍ମାନିତ। ଓଡ଼ିଆ କବିତାର ଧାରାରେ ସଚ୍ଚି ରାଉତରାୟ ଯେଉଁ ପରିବର୍ତ୍ତନର ଅଧ୍ୟାୟ ଆରମ୍ଭ କରିଥିଲେ, ତାକୁ ଋଦ୍ଧିମନ୍ତ କରିବାରେ ଗୁରୁପ୍ରସାଦ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା କଥାକୁ ଅସ୍ୱୀକାର କରାଯାଇନପାରେ। କବିଙ୍କ 'ସମୁଦ୍ର ସ୍ନାନ' କବିତା ସଂକଳନର ଏକ ଦୀର୍ଘ କବିତା ଭାବରେ 'କାଳପୁରୁଷ'ର ପରିଚୟ ସ୍ୱତନ୍ତ୍ର। ପ୍ରଜ୍ଞା ପତ୍ରିକାରେ ୧୯୬୦ ମସିହାରେ ଏହା ଆତ୍ମ ପ୍ରକାଶ କରିଥିଲା। ଏହାର ମୌଳିକତା ସମ୍ପର୍କରେ ଯଦିଓ ତଦାନୀନ୍ତନ ବୁଦ୍ଧିଜୀବୀମାନେ ବହୁ ପ୍ରଶ୍ନ ଉତ୍ଥାପନ କରିଥିଲେ, ତଥାପି ଆଧୁନିକତାର ଦ୍ୱାହିରେ 'କାଳପୁରୁଷ'କୁ ଗୁରୁପ୍ରସାଦଙ୍କ ଏକ ଅନନ୍ୟ କାବ୍ୟସୃଷ୍ଟି

ବୋଲି କବି ଗୁରୁପ୍ରସାଦଙ୍କ ସମର୍ଥକମାନେ ସ୍ୱୀକାର କରିଥିବା ଜଣାଯାଏ । ପାଶ୍ଚାତ୍ୟ କବି ଏଲିୟଟ୍ ଙ୍କ 'The West Land' ର ପ୍ରଭାବରେ 'କାଳପୁରୁଷ'ର ସୃଷ୍ଟି ହୋଇଥିଲେ ହେଁ ଓଡ଼ିଆ କବିତାକୁ ନବ୍ୟ ଦିଶାଇ ସଂଧାନ ଦେବାରେ ଏହାର ଭୂମିକା ଯେ ଅନବଦ୍ୟ-ଏଥିରେ ଦ୍ୱିମତ ନଥାଇ ପାରେ। 'କାଳପୁରୁଷ'ର ସୃଷ୍ଟି ସମ୍ପର୍କରେ ସ୍ୱୟଂ ଗୁରୁପ୍ରସାଦ ଏକ ସାକ୍ଷାତକାରରେ କହିଛନ୍ତି- "'କାଳପୁରୁଷ' ଲେଖା ହେବାକୁ ଏକ ମଜା(ମାନେ ଇଣ୍ଟରେଷ୍ଟି) ଇତିହାସ ଅଛି। ମୁଁ ସେତେବେଳେ ପୁରୀରେ ଥାଏ। ପୁରୀ ସମୁଦ୍ର କୂଳରେ ଦିନେ ସନ୍ଧ୍ୟାରେ ରାଧାମୋହନ ଗଡ଼ନାୟକ ଓ ମୁଁ ବୁଲୁଥିଲା ବେଳେ। କ'ଣ ଏମିତି 'ଦି ୱେଷ୍ଟଲ୍ୟାଣ୍ଡ' କଥା ପଡ଼ିଲା। ଗଡ଼ନାୟକ କହିଲେ 'କାଇଁ ଓଡ଼ିଆରେ ସେଭଳି ଗୋଟେ କବିତା ଲେଖା ଯାଇ ପାରୁଛି? ମୁଁ ମଜାରେ କହିଲି, 'ହେବ ନାହିଁ କାହିଁକି? ଚେଷ୍ଟା କରାଗଲେ ନିଶ୍ଚୟ ହେବ।' ସେଦିନ ସମୁଦ୍ର କୂଳରୁ ଫେରି ଘରେ 'ଦି ୱେଷ୍ଟଲ୍ୟାଣ୍ଡ' ଖୋଲି କାଳପୁରୁଷର ପ୍ରଥମ ଭାଗ ଲେଖିଲି ଓ ପରଦିନ ଗଡ଼ନାୟକ ଙ୍କୁ ଦେଖାଇଲି। ସେ ଭାରି ପସନ୍ଦ କଲେ। ତା'ପରେ ପରେ ଅଳ୍ପ ଲେଖି ବର୍ଷେ ଦି ବର୍ଷରେ 'କାଳପୁରୁଷ' ସାରିଲି। ଏପରି ଏକ କାବ୍ୟିକ ଆବେଗର ପ୍ରେରଣାରେ କାଳପୁରୁଷର ପରିକଳ୍ପନା ହୋଇଥିବା ଜଣାଯାଏ।

ପକ୍ଷାନ୍ତରେ ଗୁରୁପ୍ରସାଦ ଆଲୋଚ୍ୟ କବିତାଟିର ପ୍ରଥମ ନାମ ରଖିଥିଲେ 'ନିମ୍ନଳି' । କିନ୍ତୁ ୧୯୬୦ ମସିହାରେ 'ପ୍ରଜ୍ଞା' ପତ୍ରିକାରେ ଏହାର ପ୍ରକାଶ ବେଳକୁ ନାମକରଣ ହୋଇଥିଲା 'କାଳପୁରୁଷ'। ପ୍ରଜ୍ଞା ପତ୍ରିକାରେ ଏହାର ପ୍ରକାଶନ ଅବସରରେ ସଂପାଦକ ଲେଖିଛନ୍ତି- "ଏହି ସଂଖ୍ୟାରେ ଆମେ ମାନେ ଆଧୁନିକ ଓଡ଼ିଆ କବି ଶ୍ରୀ ଗୁରୁପ୍ରସାଦ ମହାନ୍ତିଙ୍କର ଗୋଟିଏ ଦୀର୍ଘ କବିତା 'କାଳପୁରୁଷ' ପ୍ରକାଶ କରୁଛୁ। ଶ୍ରୀ ମହାନ୍ତି ଜାଣିଛନ୍ତି ଯେ ଏହି କବିତାର ଲେଖା ୧୯୫୭ ଠାରୁ ଶେଷ ହେଲାଣି ଓ ଏହାକୁ ଲେଖିବାକୁ ତାଙ୍କୁ ପ୍ରାୟ ଦୁଇବର୍ଷ ଲାଗିଥିଲା।" ସେ ପୁଣି ଜଣାଇଛନ୍ତି ଯେ ସୁଧୀ ପାଠକମାନେ ହୁଏ'କାଳପୁରୁଷ'ରେ ଏଲିୟଟ୍‌ଙ୍କ କବିତା ୱେଷ୍ଟଲ୍ୟାଣ୍ଡ ସହିତ ସାମଂଜସ୍ୟ ପାଇ ପାରନ୍ତି। ଏପରି ସାମଂଜସ୍ୟ ଇଚ୍ଛାକୃତ, ପୁଣି ଅନିଚ୍ଛାକୃତ। ଏହାର କାରଣ ୱେଷ୍ଟଲ୍ୟାଣ୍ଡର ସମଧର୍ମୀ କେତେକ ଅନୁଭୂତିକୁ ଘେନି ଯେ ଓଡ଼ିଆ ଭାଷାର ଶକ୍ତି ଓ ସୀମା ଭିତରେ ପ୍ରକାଶ ର ପରୀକ୍ଷା କରିଛନ୍ତି।" ଆଲୋଚ୍ୟ କବିତାଟି ସମୁଦାୟ ୩୭୯ ଧାଡ଼ି ଓ ପାଞ୍ଚୋଟି ଭାଗରେ ବିଭକ୍ତ। ଅପରନ୍ତୁ ଏହାର ପରିକଳ୍ପନା ଅନ୍ତରାଳରେଏକ ପୌରାଣିକ ବିଷୟ ରହିଥିବା ଜଣାଯାଏ।ବ୍ୟାସକୃତ ' ମହାଭାରତର 'ମୂଷଳ ପର୍ବ'ର ଘଟଣା ଅବତାରଣା ଏଠାରେ ପରିଲକ୍ଷିତ। ମହାଭାରତ ଯୁଦ୍ଧରେ ବିଜୟୀ ଅଗ୍ରଜ ପାଣ୍ଡବ ଧୃତରାଷ୍ଟ୍ରଙ୍କ ଦୀର୍ଘ ଛତିଶ ତମ ଶାସନ ବର୍ଷର ଘଟଣା ଥିଲା ଏକାନ୍ତ ଉଲ୍ଲେଖନୀୟ। କାରଣ ଏହି କାଳଖଣ୍ଡରେ ଦେହାବସାନ ଘଟିଥିଲା ଭଗବାନ ଶ୍ରୀକୃଷ୍ଣଙ୍କର। ପୁଣି ସମୁଦ୍ରରେ ଦ୍ୱାରକା ଲୀନ ହେବା ସହିତ ବଳରାମଙ୍କର ମଧ ଜୀବନର ଅନ୍ତ ହୋଇଛି। ଫଳରେ ଯାଦବ ବଂଶରେ ଦେଖା ଦେଇଛି ଅସ୍ୱାଭିକ ଭାବରେ ବିଲୟର ସୂଚନା। ଚର୍ତୁ ଦିଗରେଧ୍ୱଂସର ପ୍ରସ୍ତୁତି ପର୍ବ। ଏପିରି ଏକ ସଂଧିକ୍ଷଣରେ ତୀର୍ଥାଟନରେ ଥିବା ବିଶ୍ୱାମିତ୍ର, ଦୁର୍ବାସା, ବଶିଷ୍ଠ, କନ୍ୱ ଓ ନାରଦଙ୍କ ପ୍ରବେଶ ହୋଇଛନ୍ତି ଦ୍ୱାରକାରେ। ଉଦ୍ ଭ୍ରାନ୍ତ ଯାଦବ ବଂଶଜ କିଛି ଯୁବକ ଶାମ୍ବକୁ ଜଣେ ଅନ୍ତଃସତ୍ତ୍ୱା ନାରୀ ପରି ସଜେଇ ଏହି ଯୁବତୀ ଜଣକ କଣ ପ୍ରସବ କରିବ ବୋଲି ମୁନିଗଣଙ୍କୁ ପ୍ରଶ୍ନ କରିଛନ୍ତି। ଫଳରେ ମୁନିଗଣ କ୍ରୋଧ ଜର୍ଜରିତ ସ୍ୱରରେ ଶାମ୍ବ ଏକ ଲୌହ ମୂଷଳ ଜନ୍ମ କରିବ ଯାହାକି ପରବର୍ତ୍ତୀ କାଳରେ ଯଦୁ ବଂଶ ବିନାଶର କାରଣ ହେବ ବୋଲି ଭବିଷ୍ୟବାଣୀ କହିଛନ୍ତି। ତା'ପରଦିନ ଶାମ୍ବ ଗର୍ଭରୁ ଏକ ଲୌହ ମୂଷଳ ଜନ୍ମ ଦେଇଛି। ମଥୁରା ନଚରସ ଉଗ୍ରସନ ଆଦେଶ ଦେଇଛନ୍ତି ସେହି ଲୌହ ମୂଷଳଟିକୁ ଘୋରି ସେହି ଚୂର୍ଣ୍ଣକୁ ସମୁଦ୍ରରେ ଫିଙ୍ଗି

ଦେବା ପାଇଁ। ଏପରି ଏକ ଆସନ୍ନ ବିପଦର ସଂଧି କ୍ଷଣରେ ଧ୍ୱଂସ ଓ ବିନାଶର ପ୍ରତୀକ ଭାବରେ କାଳପୁରୁଷଙ୍କ ଆବିର୍ଭାବ ଘଟିଛି। ଯିଏକି ସମଗ୍ର ଦ୍ୱାରକା ନଗରୀରେ ସୃଷ୍ଟି କରିଛନ୍ତି ଧ୍ୱଂସର ମହାପ୍ରଳୟ। ଏପରି ଏକ ସୁଦୂର ଅତୀତର ବିନାଶ ମୟ ଘଟଣାର ଅବଧାରଣା କରିଛନ୍ତି କବି ଗୁରୁପ୍ରସାଦ ସାଂପ୍ରତିକ ଅବକ୍ଷୟ ମୁଖୀ ସମାଜ ରୁ ଦୁର୍ଘଟଣା କୁଆଧାର କରି। ତତ୍କାଳୀନ ଉଦ୍ ଭ୍ରାନ୍ତ ଯାଦବ ବଂଶର ହିଂସା, ନୈତିକ ଅଧଃପତନ ସହିତ ସାଂପ୍ରତିକ ଯୁଗ ଗଂଧମୟ ମାନବୀୟ ଜୀବନ-ଚର୍ଯ୍ୟା, ଛଳନା, ଅବିଶ୍ୱାସ, ପ୍ରବଚନାମୟ ରୁଗ୍ଣ ମାନସିକତା ସମ୍ପନ୍ନ ଜୀବନାନୁଭବର କରୁଣ ଚିତ୍ରରେ ଚିତ୍ରିତ କରିବା ହିଁ "କାଳପୁରୁଷ" ସୃଷ୍ଟିର ମୂଳାଭିଲକ୍ଷ୍ୟ କହିଲେ ସତ୍ୟର ଅପଳାପ ହେବନାହିଁ। ଅନ୍ୟ ପକ୍ଷରେ ଆକାଶର କାଳପୁରୁଷ ନକ୍ଷତ୍ର ସମ୍ବନ୍ଧରେ ମଧ କୌତୁହଳ ଉଙ୍କିମାରେ, ପ୍ରଶ୍ନ କେତେ ସୃଷ୍ଟି ହୁଏ। ଏହି ଅବସରରେ ସମ୍ମୁଖରେ ଉଭା ହୁଏ ପୁରାଣର ଅଗସ୍ତି ମୁନିଙ୍କ ପ୍ରସଙ୍ଗ। ପ୍ରସଙ୍ଗଟି ହେଲା- ଆତାପୀ ଓ ବାତାପୀ ଅସୁର କୁଳରେ ଜନ୍ମିତ ଦୁଇ ଭାଇ। ବାତାପୀ ଛେଳିରୂପ ଧାରଣ କରିପାରେ ଏବଂ ଆତାପୀ ବଣରୁ ଯାତ୍ରୀ ମାନଂକୁ ମାଂସହାରଲୋଭ ଦେଖାଇ ନିମନ୍ତ୍ରଣ କରେ। ବାତାପୀ ରୂପୀଛେଳି ମାରି ଯାତ୍ରୀମାନଙ୍କୁ ଆତାପୀ ଖାଦ୍ୟ ପରିବେଷଣ କରେ ଏବଂ ପରବର୍ତ୍ତୀ ସମୟରେ ଯାତ୍ରୀମାନଙ୍କ ପେଟ ଚିରି ବାତାପୀ ବାହରକୁ ବାହାରି ଆସେ ଫଳରେ ଯାତ୍ରୀମାନଙ୍କର ମୃତ୍ୟୁ ଘଟେ। କିନ୍ତୁ ଅଗସ୍ତି ମୁନିଙ୍କ ନିକଟରେ ଅସୁର ଭ୍ରାତାଙ୍କ ଏହି ପ୍ରତାରଣା କାର୍ଯ୍ୟ କରେ ନାହିଁ ଅପରନ୍ତୁ


© 2025 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ସେମାନେ ମୃତ୍ୟୁର ଶିକାର ହୁଅନ୍ତି। ପକ୍ଷାନ୍ତରେ ଏହି ଦୁଇ ଭାଇ ଆକାଶରେ ତାରା ମଣ୍ଡଳରେ ଇଲ୍ବ କାଳ ଓ କାଳପୁରୁଷ ନାମରେ ସ୍ଥାନ ପାଆନ୍ତି। ନକ୍ଷତ୍ର ଇଲ୍ବକାଳ ପୁରାଣରେ ଇଲ୍ବକ ବା ଆତାପୀ ଏବଂ କାଳ ପୁରୁଷର ନାମ ବାତାପୀ। କେହି କେହି କହନ୍ତି ଏହି କାଳପୁରୁଷ ସାଂପ୍ରତିକ କାଳରେ ଭାଦ୍ର ମାସରେ କେବେ ତ ଶୀତ ରାତିରେ କେବେ ମଧ୍ୟାକାଶରେ ଦେଖାଯାଏ। ସେହି ସମୟରେ ଘୂର୍ଣ୍ଣିବାୟୁ ସୃଷ୍ଟି ହୁଏ। କାଳପୁରୁଷ ବାୟୁରୂପରେ ଧ୍ୱଂସର ବାର୍ତ୍ତାବହ ସାଜି ଓହ୍ଲାଇ ଆସେ। ସର୍ବୋପରି କାଳପୁରୁଷକୁ କବି ଗୁରୁପ୍ରସାଦ ମୃତ୍ୟୁ ସହିତ ସମାନ କରିଥିବା କୁହାଯାଇପାରେ। ସେହିପରି ପାଶ୍ଚାତ୍ୟ କାବ୍ୟ ଜଗତର ଅନ୍ୟତମ ସ୍ୱର୍ଦ୍ଧିତ ଉଚ୍ଚାରଣ ହେଲା "The West Land" ଯାହାକି ୧୯୨୨ ମସିହାରେ ଆତ୍ମପ୍ରକାଶ କରିଥିଲା। ଆଧୁନିକ ଯୁଗ ଯନ୍ତ୍ରଣା ର ଇସ୍ତାହାର ଭାବରେ ତଥା ପ୍ରଥମ ବିଶ୍ୱ ଯୁଦ୍ଧୋତ୍ତର ଅବକ୍ଷୟୀ ସମାଜର ଭାଷ୍ୟକାର ଭାବରେ ଏହା ସ୍ୱୀକୃତି ଲାଭ କରିଥିବା ଜଣାଯାଏ। ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ବିପର୍ଯ୍ୟସ୍ତ ଇଉରୋପୀୟ ଜନଜୀବନର କରୁଣ ଚିତ୍ରରେ ଏହା ଚିତ୍ରିତ। ବାଇବେଲ୍, ଜର୍ମାନୀ ନାଟକ, ଗ୍ରୀକ୍ ପୁରାଣ, ଏପରି କି ସଂସ୍କୃତ ବେଦ ଉପନିଷଦର ତତ୍ତ୍ୱ ଆଧାରରେ ଏହା ସମୃଦ୍ଧ। ଉପସ୍ଥାପନା ଗତ ପାରଦର୍ଶିତାରେ ଏହା ଲାଗେ ନିତ୍ୟ ନୂତନ। ବସ୍ତୁତଃ ବାସ୍ତବ ସତ୍ୟ ଠାରୁ କାବ୍ୟିକ ସତ୍ୟର ମହନୀୟତା ଯଥେଷ୍ଟ ଅଧିକ ଆରିଷ୍ଟୋଟଲ କହନ୍ତି— "The Truth of Poetry is not a copy of reality but a higher reality." ଆଲୋଚ୍ୟ 'ଦି ୱେଷ୍ଟ୍‌ଲ୍ୟାଣ୍ଡ୍' ଏବଂ 'କାଳପୁରୁଷ' କ୍ଷେତ୍ରରେ ଏହାର ସତ୍ୟତା ବେଶ୍ ପ୍ରମାଣିତ ହୁଏ। କବି ଏଲିଅଟ୍ "The West Land" ର କଥାବସ୍ତୁକୁ ପାଞ୍ଚ ଭାଗରେ ବିଭକ୍ତ କରିଥିବା ଜଣାଯାଏ। ଯଥା-

1. The Burial of dead (ଶବ ସତ୍କାର)
2. A Game of chess (ଦ୍ୟୁତ କ୍ରୀଡ଼ା /ଝିମିଟିଖେଳ)
3. The Fire sermon (ଅଗ୍ନି ପ୍ଲନ୍ତ ବା ଖାଣ୍ଡବ)
4. Death by water (ମଳିଳ ସମାଧି)
5. What the Thunder said. (ପ୍ରଳୟ)

ପ୍ରକାଶ ଥାଉକି ଏଲିୟଟ୍‌ଙ୍କ ପରି ଗୁରୁପ୍ରସାଦ ମଧ 'କାଳପୁରୁଷ'କୁ ପାଞ୍ଚୋଟି ପର୍ଯ୍ୟାୟ ଦେଇ ଗତିଶୀଳ କରାଇଥିଲେ ହେଁ ପର୍ଯ୍ୟାୟ ଗୁଡ଼ିକର ସ୍ୱତନ୍ତ୍ର ନାମକରଣ କରିନାହାନ୍ତି। 'କାଳପୁରୁଷ'ର ଆରମ୍ଭ ହୁଏ ବର୍ଷାଋତୁରୁଏବଂ 'ଦି ୱେଷ୍ଟ୍‌ଲ୍ୟାଣ୍ଡ୍'ର ଆରମ୍ଭ ହୁଏ ବସନ୍ତ ଋତୁରୁ। ଭୌଗୋଳିକ ପରିବେଶ ଦୃଷ୍ଟିରୁ ଦୁହେଁ କିନ୍ତୁ ଦୁଃଖର ବିଜ ବପନରେ ହୋଇଛନ୍ତି ସକ୍ଷମ। କାରଣ ଶୀତ ପ୍ରଧାନ ଦେଶରେ ଗ୍ରୀଷ୍ମର ପ୍ରବେଶ ଆଣିଦିଏ ଅଜଅଜସ୍ର ଆନନ୍ଦ ଓ ଉନ୍ମାଦନା। ଗ୍ରୀଷ୍ମପ୍ରଧାନ ଦେଶରେ ବର୍ଷା ତୋଳିଧରେ ଅନବଦ୍ୟ ଆନନ୍ଦର ମଧୁର ମୂର୍ଚ୍ଛନା। ଶୀତ ପରେ ଗ୍ରୀଷ୍ମର ଉଷୁମ ପରଶରେ ଶରୀର ହୁଏ ଉଲ୍ଲସିତ, ଗ୍ରୀଷ୍ମ ପରେ ବର୍ଷାର ଶୀତଳ ସ୍ୱର୍ଶରେ ଶରୀର ହୁଏ ରୋମାଞ୍ଚିତ। କିନ୍ତୁ ଶୀତରେ ଜୁଡୁବୁଡୁଏଲିୟଟଙ୍କ ପାଇଁ ଗ୍ରୀଷ୍ମ ଉନ୍ମାଦନାର ଉପାଦାନ ହୋଇନାହିଁ। ବରଂ କର୍କଶ ଏବଂ ନିରାନନ୍ଦର ପ୍ରତୀକ ସାଜିଛି। ତେଣୁ ଏଲିୟଟ୍‌ଙ୍କ ନାୟକ ପାଇଁ "April is the cruellest month" ହୋଇଥିବା ବେଳେ 'କାଳପୁରୁଷ'ର ନାୟକ ପାଇଁ "ବର୍ଷାଋତୁ ନିଷ୍ଠୁର ନିର୍ମମ"ମନେ ହୋଇଛି। ସର୍ବୋପରି ୱେଷ୍ଟ୍‌ଲ୍ୟାଣ୍ଡ୍‌ର ପ୍ରାରମ୍ଭ ଏପ୍ରିଲ୍ ମାସ ତଥା ବସନ୍ତ ଋତୁର ନିର୍ମମତାରୁ ଏବଂ କାଳପୁରୁଷର ଆରମ୍ଭ ବର୍ଷା ଋତୁର ନିଷ୍ଠୁର ନିର୍ମମତାରୁ। ଶୀତର ପ୍ରକୋପ ପରେ ଇଂଲଣ୍ଡରେ ବସନ୍ତ ଆସେ ମଣିଷ ମନରେ ଆନନ୍ଦ ଖେଳେଇବା ପାଇଁ। କିନ୍ତୁ ନିଷ୍ଠୁର ପୋଡ଼ାଭୂମିର ମଣିଷ ପାଇଁ ତାହା ହୋଇଛି ଯନ୍ତ୍ରଣା ଦାୟକ। ପ୍ରକାଶନ୍ତରେ ଗ୍ରୀଷ୍ମର ଅଗ୍ନିବର୍ଷା ପରେ ଭାରତରେ ବର୍ଷା ଆସେ ଶୀତଳତାର ଗୀତ ଗାଇ। କିନ୍ତୁ ଆଧୁନିକ ମଣିଷ ମନରେ ବର୍ଷା ଆନନ୍ଦ ଦେଇପାରି ନାହିଁ; ଦେଇଛି ଯନ୍ତ୍ରଣା। ତେଣୁ କାବ୍ୟ ନାୟକ ନିଷ୍ଠୁର,, ନିର୍ମମ ଶବ୍ଦ ଉଚ୍ଚାରଣ ପାଇଁ ସୁଦ୍ଧା ପଶ୍ଚାତ୍‌ପଦ ହୋଇନାହିଁ। ଭୌଗୋଳିକତା ଦୃଷ୍ଟିରୁ ପାର୍ଥକ୍ୟ ସ୍ୱୀକାର୍ଯ୍ୟ; ଅନୁଭବଗତ ବିଶେଷତ୍ୱ ଆଧାରରେ ଦୁଇ ଋତୁ ହୋଇଛନ୍ତ ଯନ୍ତ୍ରଣାର ବର୍ଣ୍ଣଧାରା। ଯଥା—

April is the cruellest month, breeding
Lilacs out of the dead land, mixing
Memory and desire, stirring
Dull roots with Spring rain.
Winter kept us warm, covering
Earth in forgetful snow, feeding
A little life with dried tubers.
Summer surprised us." (The Waste Land)

"ବର୍ଷାଋତୁ ନିଷ୍ଠୁର ନିର୍ମମ, ଫୁଟାଇ ରଂଗଣି ଖତ କୃଢ଼
କାନ୍ଥ ବାଡ଼ ମୂଳେ, ହାଡ଼ରେ ଥରାଇ ଈଶ, ମାଟିତଳେ ଚେରମୂଳ ଟାଣ
ବର୍ଷା ପରେ ବର୍ଷା ପରେ ଝରି , ଥରାଇ ମୁମୂର୍ଷ ଆତ୍ମା ଥୁଣ୍ଟା ଗଛ
ଶିଳ ମୂଳେ ମୂଳେ, ବର୍ଷା ପରେ ଝରି ଝରି ଅସରନ୍ତି ବର୍ଷା ପଡ଼େ ଝରି
ବୈଶାଖ ଓ ଜ୍ୟେଷ୍ଠ ଖରା, ଆକାଶର ଟିଣ ଛାତ ତଳେ
ମୂର୍ଚ୍ଛାରେ ଆହାତ ଯେବେ ଥିଲା ସବୁ, ସବୁ ଥିଲା ଉତ୍ତେଜନା ହୀନ
ହାଡ଼ରେ ନଥିଲା ଚେଷ୍ଟା, ସ୍ନାୟୁ ଶିରା ପ୍ରଶିରା ଭିତରେ
ଆଶାର ନଥିଲା ଦ୍ୱନ୍ଦ୍ୱ ବିଭକ୍ତି, ବା କାହାର ଆସକ୍ତି
କେତେ ବେଳେ ଘର ପୋଡ଼ି, ଖଙ୍କା ପେଟ କୁକୁର ଜିଭରେ
ଟୋପା ଟୋପା ନାଳ ତଳେ ଥିଲା ଯାହାକମୁମୂର୍ଷୁ ଜୀବନ।" (କାଳପୁରୁଷ)

ବାସ୍ତବରେ Waste Land ଏକ ଯୁଗ ଯନ୍ତ୍ରଣାରେ ପୂର୍ଣ୍ଣ କବିତା। କବିଙ୍କ ଯନ୍ତ୍ରଣା ଦଗ୍ଧ କାବ୍ୟାନୁଭବ ଏଥିରେ ଜଳ ଜଳ ଦିଶେ।କିନ୍ତୁ 'କାଳପୁରୁଷ' ଏଲିୟଟଙ୍କ ପ୍ରଭାବରେ ପ୍ରଭାବିତ ହେଲେ ହେଁ ବାହ୍ୟତଃ ଯନ୍ତ୍ରଣା ମୟ,, ତଥାପି ପ୍ରବୃତ୍ତିରେ ରୋମାଣ୍ଟିକ। ତେଣୁ କାବ୍ୟ ନାୟକ ପକେଟରେ ହାତ ରଖି ଚମତ୍କୃତ, ବିସ୍ମିତ ତଥା ଅବାକ୍ ହୋଇ ଲକ୍ଷ୍ୟ କରେ ମହାନଦୀ କୂଳରେ ଆଷାଢ଼ର ଅଶ୍ଳୀଳ ବିଦାୟ। ପରବର୍ତ୍ତୀ ସମୟରେ ସେ ଦେଖିଛି—

"ଏକିରେ ଅଂଧାର ଉଠେ ଗିଳିରେଖା ଆକାର ପ୍ରକାର
ସୀମିତ ମୋ ପୃଥିବୀର ଦିଗ ହଜେ,ହଜିଯାଏ ଉପର ଓ ତଳେ
କ୍ଳାନ୍ତ ମୋର ଦେହ ଚାପି ମାଡ଼ି ଆସେ ବାଲିଚର
ମାଡ଼ି ଆସେ ବାଲିଓ ଅନ୍ଧାର ।"

ଗୁରୁପ୍ରସାଦଙ୍କ ଉପରୋକ୍ତ କାବ୍ୟାଂଶ ସହିତ ଏଲିୟଟଙ୍କ 'West Land'ର The Fire Sermon ର ବୁଢ଼ାଟିର କରୁଣ ଅଭିବ୍ୟକ୍ତିର ସାମ୍ୟକୁ ଅନୁଭବ କରିହୁଏ। ଯଥା –

"Burning burning burning burning
O Lord Thou pluckest me out
O Lord Thou Pluckest
burning."

କେବଳ ସେତିକି ନୁହେଁ କାଳପୁରୁଷର ଯନ୍ତ୍ରଣା ଦଗ୍ଧ ଅନୁଭବର କରୁଣ ସ୍ୱର ଶୁଣାଯାଏ, ଯେତେବେଳେ ସେ ସ୍ୱୀକାର କରେ "ମୁଁ ଆଜି ଚାଲିଚି ଖୋଜି ତାରାଆଉ ଜହ୍ନ ରାତି ଚୁପ୍ ଚୁପ୍ ପବନର କଥା/ କୁଢ଼ କୁଢ଼ ଅଙ୍ଗାର ଓ ଅନ୍ଧାରର ସୁଡ଼ଙ୍ଗ ସେ ପାଖେ। ଆଇସି କ୍ରିମ ଲେମନେଡ଼ ଝରଣାର ନିରୁକ୍ତ ମମତା।" ଆପାତତଃ "କାଳପୁରୁଷ"ରେ ପାଠକ ଏକାଧିକ ଚରିତ୍ର ବା ଏକାଧିକ ପରିସ୍ଥିତିର ପରିଚୟ ପାଇଲେ ବି ସମଗ୍ର ହାବରେ ଏହି କବିତାର ନାୟକ ଜଣେ ଓ ଯାହାଙ୍କୁ ଆମେ 'ଏକାତ୍ମକ ପରିସ୍ଥିତି' କହୁଛୁ ସେସବୁ ଏହି ନାୟକର ମାନସିକ – ସ୍ମୃତିର ବିଭିନ୍ନ ଅଂଶ ମାତ୍ର। ଗୋଟିଏ ଦୃଷ୍ଟିରୁ ହୁଏତ 'କାଳ


© 2025 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ପୁରୁଷ' ର ନାୟକକୁ ଏକ ବ୍ୟକ୍ତି ନିରପେକ୍ଷ, ତୃତୀୟ ପୁରୁଷ ଭାବରେ ଗ୍ରହଣ କରାଯାଇ ପାରେ, ଯେ କି କାଳର ଉର୍ଦ୍ଧ୍ୱରେ କାଳକୁ ପରିଚାଳିତ କରେ ବା ଅନ୍ତତଃ ଯେ କି କାଳର ଗତି ସମ୍ପର୍କରେ ଅବହିତ। କିନ୍ତୁ 'କାଳ ପୁରୁଷ'ରେ ଏହା ମୁଖ୍ୟଉପଲକ୍ଷି ନୁହେଁ। ଏଠାରେ ନାୟକ ମୁଖ୍ୟତଃ ଜୀବନ ଯନ୍ତ୍ରଣାରେ ପୀଡ଼ିତ ଓ କାଳର ଅତ୍ୟାଚାରରେ ଜର୍ଜରିତ –ନାୟକର ବିଫଳତା, ପରିଣତିହୀନ ସଭ୍ୟତା ଓ ବିଶେଷ କରି ଜୀବନରେ ମୃତ୍ୟୁର ଅନୁଭବରେ 'କାଳ ପୁରୁଷ'ର ମୂଳ କଥା ସୂଚିତ। ଏଠାରେରେ ଆଶା ନାହିଁ, ବିଶ୍ୱାସ ନାହିଁ, ଐତିହ୍ୟ ମୂଲ୍ୟବୋଧ, ସାମାଜିକ ସଂଯମ ଓ ସଂପର୍କ ନଷ୍ଟ ହୋଇଛି ଓ ଏକ ଏକାଅକଲ୍ୟାଣକର ଆନନ୍ଦ-ବିହୀନ ଏକାକୀତ୍ୱରେ ନାୟକର ସତ୍ତା ଅହରହ ଦଗଧ। ସେହିପରି ନାୟିକା ମଧ୍ୟ ଏକ ନୁହେଁ ଅନେକ। ଯଥା- ପ୍ରତିମା, ମୀନତୀ, ମୀରା ଇତ୍ୟାଦି। ଏମାନଙ୍କ ପଛରେ କେତେବେଳେ ନାୟକ ସ୍ୱାର୍ଥ ଦାଶ ଇଂଜିନିୟରତ କେତେବେଳେ ଘୋଷା ବାବୁ ପୁଣି କେତେବେଳେ ରମ୍ମୁ। ବହୁରୂପ କିନ୍ତୁ ଗୋଟିଏ ଚେତନା, ଗୋଟିଏ ଭାବନା। ଅନ୍ତଃସାଅନ୍ତଃସାରଶୂନ୍ୟ ଜୀବନାନୁଭବରେ ସମସ୍ତେ ଭାରାକ୍ରାନ୍ତ, ମର୍ମାହତ। ବହୁ କ୍ଷେତ୍ରରେ ଏଲିୟଟ୍‌ଙ୍କ ୱେଷ୍ଟଲ୍ୟାଣ୍ଡର ପଦ ସହିତ କାଳପୁରୁଷର ସମାନତା ପରିଲକ୍ଷିତ। ପ୍ରେମାନୁଭୂତି କାଳପୁରୁଷର ଅଭିବ୍ୟକ୍ତି "ମୁଁ ଶୁଣିଲି କାନରେ ମୋ ହାଡ଼ ଆଉ ମାଂସର ସ୍ପନ୍ଦନ, ମୁଁ ବାମଅଂଶ ପଙ୍ଗୁ ମୋର ବର୍ଣ୍ଣ ମୋର ଇଷ୍ ଡ୍ ପିଙ୍ଗଳ

**ସହିତ ୱେଷ୍ଟଲ୍ୟାଣ୍ଡର ନିମ୍ନୋକ୍ତ ପଦର ସାଦୃଶ୍ୟକୁ ଲକ୍ଷ୍ୟ କରାଯାଇ ପାରେ, ଯଥା –**

"But at my back in a cold blast I hear
The rattle of the bones and chuckle spread
from ear to ear"

ଅନ୍ୟପକ୍ଷରେ The Waste Landର "A Game of Chess" ଭାଗର ୧୧୭ ରୁ ୧୨୦ ପଂକ୍ତି ସହିତ କାଳପୁରୁଷର ଦ୍ୱିତୀୟ ଭାଗର ୧୦୭ ରୁ ୧୧୨ ପଂକ୍ତି ଯାଏଁ ସମାନତା ପରିଲକ୍ଷିତ।

'The Waste Land'ର ଦ୍ୱିତୀୟ ଭାଗରେ ବୃଦ୍ଧା ଶାଶୁକୁ ଚେସ୍ ଖେଳରେ ବ୍ୟସ୍ତ ଥିବା ଭିତରେ କେହି ଯୌନଲୀଳା ଚାଲିଛି.ଏଲିୟଟି ଉକ୍ତି କାହାଣୀଟିକୁ ମିଡଲ୍ ଟନ୍ (Midleton)ଙ୍କର "Women beware of women" ନାଟକରୁ ଆଣିଛନ୍ତି। ଏଠାରେ କବି ଚେସ୍ ଖେଳକୁ ପ୍ରେମର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି। ଏହି ନିଭ୍ରୋଟିକ୍ ମହିଳା ୱେଷ୍ଟଲ୍ୟାଣ୍ଡର ବାସିନ୍ଦା ଆଭିଜାତ୍ୟ ପୂର୍ଣ୍ଣ ଜୀବନ ଭିତରେ ପତନର ଚିତ୍ରକୁ ଏଲିୟଟ୍ ସୁନ୍ଦର ଭାବରେ ଦେଖାଇ ଦେଇଛନ୍ତି। ଠିକ ସେହିପରି ଗୁରୁପ୍ରସାଦ କ୍ଷଳିତ ସମାଜ ଜୀବନ ଭିତରେ ତାଙ୍କର ପ୍ରେମ ପାଇଁ ମାର୍କସ, ଗାନ୍ଧୀ ଓ ଜଗନ୍ନାଥ ଦାସ ମୂଲ୍ୟହୀନ। ଆଜିର ପ୍ରେମ ଓ ନୈତିକତା ରୂପରେ ପର୍ଯ୍ୟବସିତ ନୁହେଁ। ତେଣୁ ଡେପୁଟି କାମରେ ବର୍ଷ ବର୍ଷ ବାହାରେ ରହିବା ଦ୍ୱାରା ରମୁ ଯଦି ଅନ୍ୟ ନାରୀ ପ୍ରତି ଆସକ୍ତ ତୋର .ସେଥିରେ କିଛି କହିବାର ନାହିଁ। ତୁ ତ ପୁଣି ଯେଉଁସନ୍ତାନ ଜନ୍ମ ଦେଇଛୁ, ରମୁ ଜାଣିଛି ସେ ସନ୍ତାନ ତା'ର ନୁହେଁ, ତଥାପି ସେ କେବେ ପଚାରିନାହିଁଏ ସନ୍ତାନ ବିଷୟରେ। ଗୁରୁପ୍ରସାଦ ଓଡ଼ିଶାର ପାଣି ପବନରେ ସ୍ୱାଧୀନତା ପରବର୍ତ୍ତୀ ପଚ ମାନ ସମାଜର ସ୍ଥିତି ଖୋଜି ପାଇଛନ୍ତି ସ୍ୱାର୍ତ୍ତ ଦାଶ ବୋଷ ବାବୁ ,ରମୁ, ପ୍ରତିମା, ବିନତୀ, ମୀରା ମାଧ୍ୟମରେ। 'କାଳପୁରୁଷ ର ଦ୍ୱିତୀୟ ପର୍ଯ୍ୟାୟରେ କାବ୍ୟନାୟକ ଅତି କରୁଣ କଣ୍ଠରେ ଅକ୍ରୁରଓ ଉଧବଙ୍କୁ ମୁକ୍ତିର ମାର୍ଗ ସମ୍ପର୍କରେ ଅନୁରୋଧ କରିଛି। ଛାତି ଏ କୋହଓ ନିଃସଙ୍ଗତାବୋଧକୁ ବୋଝ କରି ମୁକ୍ତିର ସଂଧାନରେ ନାୟକ ବ୍ୟସ୍ତ ହୋଇ ଉଠିଛି। ସମ୍ମୁଖରେ ଅନ୍ତଃସାର ଶୂନ୍ୟ ଭବିଷ୍ୟତ ପଶ୍ଚାତ ପ୍ରେ ଗ୍ଲାନିବୋଧ, ବର୍ତ୍ତମାନର ଅସହାୟତାରେ ଭାଙ୍ଗି ପଡିଛି ଆଜିର ମଣିଷ। ତେଣୁ ଆନନ୍ଦାଶ୍ରୀତଅନନ୍ୟୋପାୟ କାବ୍ୟ ନାୟକ ସେହି ଚରିତ୍ର ଦ୍ୱୟଙ୍କ ମାର୍ଗ ଅନୁସରଣପାଇଁ ବାଧ ହୋଇଛି କହିଲେ- ଅତିକଥନ ହେବନାହିଁ। ଏହା ହିଁ ତ ଜୀବନର ସତ୍ୟ। ବିପଦ କାଳରେ ଆଧାତ୍ମିକ ଅନ୍ୱେଷଣ ପ୍ରତି ସଦିଚ୍ଛା ପ୍ରକାଶ କରିବା, ଆସ୍ଥା ସ୍ଥାପନ କରିବା ମହାଭାରତୀୟ ସାଂସ୍କୃତିକ ପରମ୍ପରାଏକ ବିଶେଷ ବିଶେଷତ୍ୱ ଏହା ସୃଜନଶୀଳକୁ ମଧ୍ୟ ଯୁଗେ ଯୁଗେ ପ୍ରଭାବିତ କରିଛି। ଓଡ଼ିଆ ଜାତିର ଜୀବନ-ବେଦ ଜଗନ୍ନାଥ ଦାସ ଙ୍କ ଭାଗବତାନୁସାରେ ଉଦ୍ଧବ ଓ ଅକ୍ରୁର ଭଗବାନ କୃଷ୍ଣଙ୍କର ଦୁଇଶ୍ରେଷ୍ଠ ଭକ୍ତ। ତେଣୁ ତାଙ୍କର ପଦାଙ୍କ ଅନୁସରଣରେ ମୁକ୍ତି ସୁନିଶ୍ଚିତ ବୋଲି କାବ୍ୟ ନାୟକର ହୃଦବୋଧ ହୋଇଛି। ତେଣୁ ଅତି କାତର କଣ୍ଠରେ ସେ କହିଛି-

"ହେ ଆକ୍ରୁର ରେ ଉଦ୍ଧବ ସଖା ମୋର ପ୍ରାଣର ଦୋସର
ରୁହ ରୁହ ଛିଡ଼ା ରୁହ ପିଠିରେ ମୋର ତୁମପରି ବୋଝ
ମୁଁ ଯିବି ତୁମରି ପରି ତାରା ଖୋଜି ଜହ୍ନ ଖୋଜି
ଖୋଜି ଖୋଜି ଝରଣାର ସୁଅ
ମୁଁ ଯିବି ତୁମରି ପରି ଖୋଜି ମୋର ପିତାମାତା ନିର୍ମଳି ନଟାରେ
ଖୋଜି ଅଂରୁଧତୀ ତାରାର ଆଲୁଅ

ଭାରତୀୟ ସଂସ୍କୃତିରେ ଅଂରୁ ଧତୀ ସ୍ୱତନ୍ତ୍ର ଆସନ ଦାବି କରନ୍ତି। ଅଂରୁଧତୀ ଥିଲେ ଋଷି ବଶିଷ୍ଠଙ୍କ ପତ୍ନୀ। ଜଣେ ପତିପରାୟଣା, ନିଷ୍ପାପର ,ଶୁଦ୍ଧଚିତ୍ତ ନାରୀ ଭାବରେ ସେ ଥିଲେ ପରିଚ଼ିତା। ତେଣୁ ଗୁରୁପ୍ରସାଦ ମଧ୍ୟ କାବ୍ୟନାୟକର ମୋକ୍ଷପଥକୁ ଆଲୋକିତ କରିବା ସକାଶେ ସପ୍ତର୍ଷି ମଣ୍ଡଳରେ ସ୍ଥାନିତ ଅଂରଧତୀ ତାରା ଆଲୁଅକୁଏଠାରେ ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି।

**ପକ୍ଷାନ୍ତରେ ଏଲିୟଟ୍ 'The Waste Land' କବିତାର ୦ାଏଁ ଲଣ୍ଡନ ବ୍ରିଜ୍ ପତନର ଚିତ୍ରକୁ ଯେପରି ବର୍ଣ୍ଣନା କରିଛନ୍ତି** –

"A Crowd flowed over London Bridge, so many
I had not thought death had undone so many."

**ତାକୁ ଗୁରୁପ୍ରସାଦ କଟକ ସହରର ରାଣୀହାଟ ପଥର ପୋଲ ସହିତ ତୁଳନା କରିଥିବାପରିଲକ୍ଷିତ ହୁଏ। ଯଥା—**

"ମୁଁ ଆଜି କେବଳ ଶୁଣେ ଛିଡ଼ା ହୋଇ
ରାଣୀହାଟ ପଥର ପୋଲରେ
ଅସଂଖ୍ୟ ଛାୟାର ଏତେ ଯାତାୟାତ
ମୋ ଦେହର ନିରନ୍ନ ଜନତା।"

**କେବଳ ସେତିକି ନୁହେଁ ଗୁରୁପ୍ରସାଦ ପାଞ୍ଚ ନମ୍ବର କବିତାରେ ଲେଖିଥିବା ଧାଡ଼ି -**

"ପାଣି ନୁହେଁ ମେଘ ନୁହେଁ
ବାଲି ଆଉ ଖାଲି ବାଲିଚର।"

**ଏଲିୟଟ୍‌ଙ୍କ ୱେଷ୍ଟଲ୍ୟାଣ୍ଡର ଅନ୍ତସାରଶୂନ୍ୟ ମଣିଷର ଚେତନାବିହୀନ କଥା ପ୍ରସଙ୍ଗରେ କୁହାଯାଇଛି—**

"Here is no water but only rock
Rock and no water and the sandy road."

**ସେହିପରି ୱେଷ୍ଟଲ୍ୟାଣ୍ଡ୍ କବିତାର 'What the thunder said' ପର୍ଯ୍ୟାୟରେ ଲେଖିଛନ୍ତି—**

"What is the city over the mountains
Cracks and reforms and bursts in the violet air
Falling towers
Jerusalem Athens Alexandria
Vienna London
Unreal."


© 2025 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଉପରୋକ୍ତ କବିତାଂଶର ପ୍ରଭାବ 'କାଳପୁରୁଷ'ରେ ନିମ୍ନୋକ୍ତ ଭାବରେ ପଡ଼ିଥିବା ଜଣାଯାଏ। ଯଥା—

"ମୁଁ କେତେ ଚାଲିଛି ବାଟ ମଦିଗରୁ ଦିଗନ୍ତ କେତେ ନଷ୍ଟ
କେବେ ତାରାର ସ୍ୱପ୍ନରେ
ଦେଶଦ୍ରୋହ, କନ୍ୟାଦ୍ରୋହ ମୋ ପିତାର ଶତଶତ
ଭ୍ରାତୃଦ୍ରୋହ ଘରେ
ମୁଁ ଆଜି ତଥାପି ଚାଲେ ପିତୃହନ୍ତା ଆତ୍ମା ମୋର
ରୋମ ଆଉ ବେବିଲୋନ ମିଶରର ପ୍ରେତା ମ୍ମା ସହିତ

ପ୍ରକାରାନ୍ତରେ 'The Waste Land'ର 'The Fire Sermon' ପର୍ଯ୍ୟାୟରେ ଏଲିୟଟ ଲେଖିଛନ୍ତି-

"At the violet hour, when the eyes and back
Turn upward from the desk
When the human engine waits
Like taxi throbbing waiting"
"I Tiresias, though blind
Throbbing between two lives
Old man with wrinkled female breasts,
can see
At violet hour, the evening hour that strives"

ଏହାକୁ ଗୁରୁପ୍ରସାଦଙ୍କ 'କାଳପୁରୁଷ'ରେ ମଧ ଦେଖିବାକୁ ମିଳେ।

"ମଶାଲ ଆଲୁଅ ଗଲା ନିଭି ନିଭି ଆକାଶ ର ଉପରେ
ବାଲି ପରେ ବାଲି ଡେଇଁ ଦେହ ପରେ କେତେ ଦେହ ଡେଇଁ
ମୁଁ ଆଜିଅପେକ୍ଷା କରେ ସୂର୍ଯ୍ୟର ଉଦୟ ପୁଣି
ବର୍ଷା ଆଉ ମେଘର ଉଦୟ
ମୁଁ ଆଜି ତଥାପି ଖୋଜେ ଆଜି ଜନ୍ମସ୍ଥାନମୋର
ମୋର ଆଦିପିତାମାତା ଅଂରୁ ଧତୀ ତାରାରଆଲୁଅ
ଏକ ଦେହେ ଜନ୍ମ ନେଲି ପୁରୁଷ ମୁଁ ସେହି ଦେହେ ନାରୀର ଶୃଙ୍ଗାର
ମୋ ପାଖେଏକାଠି ହେଲା ସିଲ୍କ୍ ଶାଢ଼ୀ ପେଣ୍ଟକୋଟ
ଧୂଜ ଭଂଗ ପ୍ରସୂତି ଯନ୍ତ୍ରଣା "

ଏକଥା ସ୍ୱୀକାର୍ଯ୍ୟ ଯେ, "ଅତୀତ ବର୍ତ୍ତମାନ ଦ୍ୱାରା ପରିବର୍ତ୍ତିତ ହେବ ଏବଂ ବର୍ତ୍ତମାନ ଅତୀତ ଦ୍ୱାରା ନିୟନ୍ତ୍ରିତ ହେବ।" ପ୍ରତ୍ୟେକ ଦାୟିତ୍ୱପୂର୍ଣ୍ଣ କବି ଓ ଶିଳ୍ପୀ କଳା ସାହିତ୍ୟ ସୃଷ୍ଟିର ଏହି ଦିଗ ପ୍ରତି ସଜାଗ ରହିବା ସର୍ବଦା ଉଚିତ। ଏହି ସଜ୍ରାଗତା କବି ମନୀଷୀ ଏଲିୟଟ୍‌ଙ୍କ କବିତାରେ ସ୍ପଷ୍ଟ ଦେଖାଯାଏ। ଏଲିୟଟ କହନ୍ତି ଯେ କୌଣସି କବି ବା କୌଣସି କଳାକୁଶଳୀ ଶିଳ୍ପୀକୁ ସଂପୂର୍ଣ୍ଣ ବୁଝିବାକୁ ହେଲେ ତାକୁ ଅନ୍ୟମାନଙ୍କ ଠାରୁ ବିଚ୍ଛିନ୍ନ କଲେ ହେବ ନାହିଁ। ସେପରି ବିଚାର ଏକ ଦିଗଦର୍ଶୀ ଏଥିରୁ କବିରକବିତା ଛା ଶିଳ୍ପୀ ର ଶିଳ୍ପ କୃତ ଯୋଗ୍ୟ ସମର୍ଥନ ଦେଇ ହୁଏନା ପୁଣି କବିର ନିର୍ଦ୍ଦିଷ୍ଟ ବିଶିଷ୍ଟତା କେଉଁଠି ତା ବି ଠିକ୍ କରି ହୁଏନାହିଁ" ସେଥିପାଇଁ କବିର ପରବର୍ତ୍ତୀ କବିମାନଙ୍କ ସହିତ ସମ୍ପର୍କ ବିଶ୍ଳେଷଣ କରି ବୁଝିବାକୁ ହେବ ଓ କେବଳ ସମ୍ୟକ ତୁଳନା ଓ ବୈଷମ୍ୟ ଭିତରୁ ନିରପେକ୍ଷ ବିଚାର ଓ ସମର୍ଥନ ପ୍ରକାଶ ପାଇବ ଏହାର ଯଥାର୍ଥତା ହିଁ"The West Land" ଏବଂ "କାଳପୁରୁଷ"ର ତୁଳନାତ୍ମକ ଅଧ୍ୟୟନ। ସ୍ୱାଧୀନତା ପରବର୍ତ୍ତୀ ଅସହାୟ ମଣିଷର ନିଃସଙ୍ଗତାବୋଧ, ଯନ୍ତ୍ରଣାକୁ ଗୁରୁପ୍ରସାଦ ସୁନ୍ଦର ଭାବରେ ଦ୍ୱାପର ଯୁଗର ଅବକ୍ଷୟକାଳୀନ ଅବ୍ୟବସ୍ଥିତ ଦ୍ୱାରକା ବାସୀଙ୍କ ମିଥ୍ ଆଧାରରେ ଉପସ୍ଥାପନ କରିଥିବା ବେଳେ, ଏଲିୟଟ୍ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଯନ୍ତ୍ରଣା ବିକ୍ଷୁବ୍ଧ ଇଉରୋପୀୟ ଅସହାୟ ଜନମାନସର କରୁଣ ଚିତ୍ରକୁ ବର୍ଣ୍ଣନା କରିଛନ୍ତି। ଉଭୟ ସାରସ୍ୱତ କୃତି ମଧ୍ୟରେ ଭାବଗତ ସାଦୃଶ୍ୟକୁ ଅସ୍ୱୀକାର କରାଯାଇନପାରେ। ଏପରିକି ଉଭୟ କବିତାର ଶେଷାଂଶ ପରସ୍ପର ସାମ୍ୟବୋଧରେ ଆବଦ୍ଧହୋଇଥିବା ବିଷୟକୁ ଯେ କେହି ପ୍ରକାଶଶୀଳ ପାଠକ ସାଦରେ ସ୍ୱୀକାର କରିବେ- ଏଥିରେ ଦ୍ୱିମତ ନଥାଇପାରେ। ଏଲିୟଟଙ୍କ ୱେଷ୍ଟ୍‌ଲ୍ୟାଣ୍ଡର ଶେଷ ପର୍ଯ୍ୟାୟ 'What the Thunder Said'ରେ ଉଲ୍ଲିଖିତ water ଓ rockକୁ 'କାଳପୁରୁଷ'ର ଘାସ ଓ ବାଲି ସହିତ ତୁଳନା କରାଯାଇପାରେ। ଅତି ଜୀବନ୍ତ ଭାବରେ ପରସ୍ପରର ସାମ୍ୟ ପରିଲକ୍ଷିତ। ଯଥା-

"And no rock
If there were rock
And also water
And Water
A spring
A pool among the rock
If there were the sound of water only
Not the cicada
But sound of water over a rock
Where the hermit-thrush sings in the pine trees
Drip drop drip drop drop drop drop
But there is no water."

ଏହାର ପ୍ରତିଲିପି କିପରି ଗୁରୁପ୍ରସାଦଙ୍କ 'କାଳପୁରୁଷ'ରେ ଉପଲବଧ ତାକୁ ଦେଖାଯାଇ ପାରେ। ଯଥା-

"ଯଦିବା ଚେତନା ଫେରେ
ବାଲି ଆଉ ବାଲି ପୁଣି ଘାସ
ଘାସର ବିଛଣା
ଛୋଟ ଛୋଟ ଢେଉ ଆଉ
ସାନ ସାନ ମାଛର ଝରଣା
ଝରଣା
ଘାସ ଆଉ ଘାସ
ମେଘ ଓ ମୟୂର
ଝିଙ୍କାରୀର ଭୋକ ନୁହେଁ
ଶେଷ ନୁହେଁ ହତାଶ ବାଲିର। "

'କାଳ ପୁରୁଷର ନାୟକ ଜୀବନ ଯନ୍ତ୍ରଣାର ତୀବ୍ର ତାଡ଼ନାରେ ମର୍ମାହତ, କାଳର ଅତ୍ୟାଚାରରେ ପ୍ରତାରିତ। ତେଣୁ ନାୟକ ର ବିଫଳ ଜୀବନ, ପରିଣତିହୀନ ଯନ୍ତ୍ରଣା ତଥା ଅନାଗତ ମୃତ୍ୟୁର ଅନୁଭବରେ 'କାଳପୁରୁଷ'ର ପରିକଳ୍ପନା ମାତ୍ର। ଏକ ଆଶାହୀନ, ବିଶ୍ୱାସହୀନ, ମୂଲ୍ୟବୋଧହୀନ ଓ ଅକଲ୍ୟାଣକର ଏକାକିତ୍ୟ ତାହିଁ ସତେ ଯେପରି ନାୟକର ଭାଗ୍ୟ ଓ ଭବିତବ୍ୟ। ପ୍ରତି କ୍ଷେତ୍ରରେ ବିଫଳତା ଯେପରି ତା'ର କପାଳର ପ୍ରତିଟି ରେଖାରେ ଲିଖିତ। 'କାଳପୁରୁଷ'ର ଶେଷ ପର୍ଯ୍ୟାୟରେ ଭାଗବତର ସୂଚନା ଆଧାରରେ କବି କହନ୍ତି-

"ଆହେ ରାଜା ପରୀକ୍ଷିତ ତକ୍ଷକର ଦଂଶନେ ତୁମର
ଦେହାନ୍ତ ହେଲାତ ରାଜା ପାୟଶ୍ଚିତ ଗୋଟିଏପାପର
କିନ୍ତୁ ମୋର ସମ୍ମୁଖରେ ଏ ବିଚିତ୍ର ଏକ ପାଦ ବିଶିଷ୍ଟ ବୃଷଭ
ଶୁଣି ଏକ ଭଦ୍ରଲୋକ ଧଳା ଧୋତି ଓ ପଞ୍ଜାବି ଓ
, ଧଳା ଧୋତି ଧଳା କାର ବର୍ଣ୍ଣ ପୁଣି ଇଷତ ପିଙ୍ଗଳ
କ୍ଷଷ୍ଟିର ଆଘାତ ଆଉ ବୃଷଭ ର ଆର୍ତ୍ତନାଦ....
ଏ କାକ ତୀର୍ଥରେରାଜା ଶେଷକ୍ରିୟା ସମାପ୍ତ ତୁମର। "


© 2025 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ପୁରାଣ ପରମ୍ପରାରେ ରାଜା ପରୀକ୍ଷିତ ଉପାଖ୍ୟାନ ବେଶ୍ ଆଲୋଚନାର ଅପେକ୍ଷା ରଖେ। ପୁରାଣର ବର୍ଣ୍ଣନାନୁସାରେ ଦ୍ରୋଣାଚାର୍ଯ୍ୟଙ୍କ ପୁତ୍ର ଅଶ୍ୱତ୍ଥାମା ଏପରି ଏକ ବ୍ରହ୍ମାସ୍ତ୍ର ପ୍ରସ୍ତୁତ କରିଥିଲେ, ଯାହାକି ପ୍ରତିଶୋଧ ପାଇଁ ଥିଲା ଉଦ୍ଦିଷ୍ଟ । ପରୀକ୍ଷିତ ମାତୃ ଗର୍ଭରେ ଥିବା ବେଳେ ଅଶ୍ୱତ୍ଥାମା ତାକୁ ପ୍ରୟୋଗ କରିଥିଲେ। ଶକ୍ତିଶାଳୀ ବ୍ରହ୍ମାସ୍ତ୍ରର ପ୍ରୟୋଗରେ ଉତ୍ତରା ଭୀତତ୍ରସ୍ତ ହୋଇ ଭଗବାନ ଶ୍ରୀକୃଷ୍ଣଙ୍କୁ ସ୍ମରଣ କରିଥିଲେ। ଶ୍ରୀକୃଷ୍ଣ ନିଜର ଅପାର ଶକ୍ତି ବଳରେ ଶିଶୁ ପୁତ୍ରକୁ ଜୀବନ ରକ୍ଷା କରିଥିଲେ। ଯିଏକି ପରବର୍ତ୍ତୀ ସମୟରେ. ହସ୍ତିନା ରାଜସିଂହାସନ ଆରୋହଣ କରି ପରୀକ୍ଷିତ ଭାବରେ ପରିଚିତ ହୋଇଥିଲେ। ଶିକାର ଉଦ୍ଦେଶ୍ୟରେ ପରୀକ୍ଷିତ ଜଙ୍ଗଲରେ ବୁଲୁଥିବା ବେଳେ ତୃଷାତୁର୍ ହୋଇ କିଛି ଧ୍ୟାନ ମଗ୍ନ ଶମିକ ଋଷି ଆଶ୍ରମରେ ପହଞ୍ଚି ଜଳ ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଧ୍ୟାନ ନିବିଷ୍ଟ ଋଷି ପରୀକ୍ଷିତଙ୍କ କଥାକୁ ଶୁଣି ନପାରିବାରୁ କ୍ରୋଧରେ ଜର୍ଜରିତ ହୋଇ ରାଜା ପରୀକ୍ଷିତ ଧନୁର ଅଗ୍ର ଭାଗରେ ଏକ ମୃତ ସର୍ପକୁ ଉଠାଇ ଆଣି ଋଷି ଙ୍କ ବେକରେ ଝୁଲାଇ ଦେଇଥିଲେ। ଋଷିଙ୍କ ପୁତ୍ର ଶୃଙ୍ଗୀ ପିତାଙ୍କୁ ଏପରି ଅପମାନ ସହ୍ୟ ନକରିପାରି ସାତ ଦିନ ମଧ୍ୟରେ ତକ୍ଷକ ପରୀକ୍ଷିତଙ୍କୁ ଦଂଶନ କରିବ ବୋଲି ଅଭିଶାପ ଦେଇଥିଲେ। ପରୀକ୍ଷିତ ଭୟ ଭୀତ ହୋଇ ଏକ ବିଶାଳ ଖମ୍ବ ଉପରେ ପ୍ରାସାଦ ନିର୍ମାଣ ପୂର୍ବକ ଲୁଚି ରହିଥିଲେ। କିନ୍ତୁ ତକ୍ଷକ ଗୋଟିଏ ଫଳ ମଧ୍ୟରେ କ୍ଷୁଦ୍ର ପୋକଟିଏ ହୋଇ ପ୍ରାସାଦରେ ପ୍ରବେଶ କରି ରାଜା ପରୀକ୍ଷିତଙ୍କୁ ଦଂଶନ କରିଥିଲେ। ଏପରି ଏକ ପୌରାଣିକ ପ୍ରସଙ୍ଗର ଆଧାରରେ ଗୁରୁପ୍ରସାଦ ଆଧୁନିକ ମଣିଷର ମୃତ୍ୟୁ ପ୍ରତି ଥିବା ଭୟକୁ ସୂଚିତ କରିଛନ୍ତି। ସୁନିଶ୍ଚିତ ମୃତ୍ୟୁକୁ ମଣିଷ ଯେତେ ଭୟ କରିବ ସେହି ମୃତ୍ୟୁ ତାକୁ ବେଶି ବେଶି ଭୟଭୀତ କରିବ । ଅଫରନ୍ତୁ 'ବୃଷଭ" ମଧ୍ୟ ଅନ୍ୟତମ ଉଲ୍ଲେଖନୀୟ ଚରିତ୍ର ଯିଏକି ସତ୍ୟ ଓ ଧର୍ମର ପ୍ରତୀକ ଭାବରେ ଉଭା ହୋଇଥାଏ। କଳିର ଆଗମନରେ ତା'ର ତିନୋଟି ପାଦ ନଷ୍ଟ ହୋଇଯାଇଛି ।ତେଣୁସେ ଗୋଟିଏ ପାଦରେ ଦଣ୍ଡାୟମାନ । କଳିର ପ୍ରହାରରେ ସେହି ପାଦ ମଧ୍ୟ ନଷ୍ଟ ହେବା ଉପରେ। ଏହି ଗୋଟିଏ ପାଦ ନଷ୍ଟ ହୋଇଗଲେ ସମ୍ପୂର୍ଣ୍ଣ ଭାବରେ ଧର୍ମର ବିଲୋପ ଘଟିବ। କବିତାରେ ବର୍ଣ୍ଣିତ ଧଳାଧୋତୀ ଓ ପଞ୍ଜାବୀ ପିନ୍ଧିଥିବା ଲୋକଟିହିଁ କଳି। ଯିଏ ବିବିଧ କୁକର୍ମରେ ଲିପ୍ତ। ପରୀକ୍ଷିତଙ୍କ ଗୋଟିଏ ପାପ କାକତୀର୍ଥରେ ପ୍ରାୟଶ୍ଚିତ ହୋଇଥିଲେ ହେଁ ନାୟକର ପାପ ଅସଂଖ୍ୟ। ତେଣୁ ସମାପ୍ତିରଅବକାଶ ହିଁ ନାହିଁ । ନର୍କ ଯନ୍ତ୍ରଣା ତା' ପାଇଁସୁନିଶ୍ଚିତ। ମୁକ୍ତିର ଅନୁସଂଧାନ ତା' ପାଇଁ ବ୍ୟର୍ଥ। ଏକ ମୁମୂର୍ଷୁ ଜୀବନ ହିଁ ତା ପାଇଁ ଯଥେଷ୍ଟ। ନର୍କ ହିଁ ସତେ ଯେପରି ତା' ପାଇଁ ଏକ ଉତ୍କୃଷ୍ଟ ସ୍ଥାନ। ତେଣୁ କାବ୍ୟ ନାୟକ କହେ -" ମୁଁ ଆଜି ତଥାପି ଚାଲେ ପିତୃହନ୍ତା ଆତ୍ମା ମୋର/ରୋମ ଆଉ ବେବିଲୋନ ମିଶରର ପ୍ରେତା ତ୍ମା ସହିତ । " ଯେଉଁଠି କେବଳଅଂଧାର ହିଁ ଅଂଧାର। ସେଠି ପୁଣି ମାଂସ ଲୋଭି ଧଳା ଧୋତି ଓ ପଞ୍ଜାବୀ ପରିଚିତ ଭଦ୍ର ଲୋକଙ୍କର ଦାନ୍ତ, ନଖ, ଶତଶତ ଚଂଚୁର ଆଘାତରେ ରକ୍ତାକ୍ତ ହେବା ହିଁ କାବ୍ୟ ନାୟକର ଭାଗ୍ୟରେ ଲିଖିତ।

ଯଥା - " ଅଂଧାର ଯଦିବା ଆସେ ଘେରିରେଖା ଆକାର ପ୍ରକାର
ମାଂସ ଲୋଭି ଭଦ୍ରଲୋକ ଧଳା ଧୋତି ପଞ୍ଜାବୀ ଓ ଧଳା ଧୋତି ଧଳାକାର
ମୋ ଦେହରେ ଦାନ୍ତ, ନଖ, ଶତ ଶତ ଚଂଚୁର ଆଘାତ।

ସାଂପ୍ରତିକ ମଣିଷର ଅସହାୟ ଜୀବନ ପାଇଁ ଇତିହାସ ହିଁ କେବଳ ମୁକସାକ୍ଷୀ । କାବ୍ୟ ନାୟକ ପାଇଁ ଗୋଟିଏ ଦିଗରେ ତାମ୍ର ଲିପ୍ତ ଚାରିତ୍ରା, ସିଂହଳ, ଦ୍ବୀପ, ବାରୁଣାବନ୍ତ, ନୂଆଦିଲ୍ଲୀ, କଲିକତା ଓ କଟକ ଏବଂ ଅପରପାର୍ଶ୍ୱରେଦୀପ ଓ ମଶାଲ, ଯୁଦ୍ଧ, ଧର୍ମଘଟର ଆହ୍ୱାନ । ଏଭିତରେ ନାୟକର ସନ୍ତୁଳିତ ଜୀବନ। ଅବ୍ୟବସ୍ଥିତ ଜୀବନାଭୁବ ମଧ୍ୟରେ –

" ଧୂସରଆକାଶମନ୍ଦି ସଂଧାଆସେ ଅବାଆସେ ସାତ୍ତ୍ୱିକ ଶ୍ରାବଣ
ଆମରିଅପେକ୍ଷା ରହେ ପାର୍ଟି ଆଉ ନିର୍ବାଚନ
ଦୂଷିତ ଆତ୍ମାର ଖେଦଜୀବନର ଦୂଷିତ ଦୁଃସ୍ୱପ୍ନ ।"

ସର୍ବୋପରି ପାଶ୍ଚାତ୍ୟ ସାହିତ୍ୟ ଓ ଆଧୁନିକ ଓଡ଼ିଆ କାବ୍ୟ ଜଗତର ଦୁଇ ଅମ୍ଳାନ କୀର୍ତ୍ତି ହେଲେ ଏଲିୟଟ ଙ୍କ" The west land" ଏବଂ ଗୁରୁ ପ୍ରସାଦଙ୍କ " କାଳପୁରୁଷ" । ଏଲିୟଟThe west land କବିତାରେ ପୃଥିବୀର ଧ୍ୱଂସ ଓ ମୃତ୍ୟୁ ( ତାଂ ଙ୍କ ଭାଷାରେ the way the world ends) ର ପ୍ରସଂଗ ଉତ୍ଥାପନ କଲାବେଳେ, ଗୁରୁପ୍ରସାଦ " ଗ୍ରହର ନଷ୍ଟ ଯାତ୍ରା" ଭଳି ଶବ୍ଦପ୍ରୟୋଗକରି ପୃଥିବୀକୁ 'ଅଂଧାର' ଓ' ମୃତ୍ୟୁ' ଏବଂ' ଅସତ୍ୟ ରୁ ରକ୍ଷା କରିବାକୁ ଆହ୍ୱାନ ଦେଇଛନ୍ତି। କେବଳ ସେତିକି ନୁହେଁ ଏଲିୟଟଶାନ୍ତିର ପ୍ରୟୋଜନତାକୁ ଗୁରୁତ୍ୱ ଦେଇଥିବା ବେଳେ, ଗୁରୁପ୍ରସାଦ ଏକ ଶାଶ୍ୱତ ଜୀବନ ପାଇଁ ଅମୃତମୟ ବାଣୀ ଉଚ୍ଚାରଣ କରିଛନ୍ତି। ଯଥା -

" ଏ ଗ୍ରହର ନଷ୍ଟ ଯାତ୍ରାଆଜି ଯଦି ଅଂଧାରରୁ ......
ଏ ଗ୍ରହର ନଷ୍ଟ ଯାତ୍ରାଆଜି ଯଦି ମରଣରୁ ......
ଏ ଗ୍ରହର ନଷ୍ଟ ଯାତ୍ରାଆଜି ଯଦି ଅସତରୁ......
ମୃତ୍ୟୁମାଂ
ଅସତୋ ମା
ତମସୋ ମା
ମୃତ୍ୟୁ ର୍ମାଂ... ମୃତ୍ୟୁ ର୍ମାଂ.... ମୃତ୍ୟୁ ର୍ମାଂ
ଅମୃତଂଗମୟ ।""

## ସହାୟକ ଗ୍ରନ୍ଥସୂଚୀ


1. ସାହୁ ବି ପ୍ର। *ତୁଳନାତ୍ମକ ସାହିତ୍ୟ ସଂଚୟନ*। "ତୁଳନାତ୍ମକ ସାହିତ୍ୟ: ଏକ ଦୃଷ୍ଟିପାତ"। ପରିପରିଡ଼ା ବୈଷ୍ଣବ ଚରଣ। ଭୁବନେଶ୍ୱର: ଦିବ୍ୟ ପ୍ରକାଶନୀ; ୨୦୧୧। ପୃ. ୧୨।
2. ୨. ଶତପଥୀ ଶ, ଜଗଦେବ ପ୍ର କୁ। *ଗୁରୁପ୍ରସାଦ ସହ ସାକ୍ଷାତକାର*। ମୂଲ୍ୟାୟନ, ଗୁରୁପ୍ରସାଦ ବିଶେଷାଙ୍କ। ପୃ. ୧୫୩।
3. ୩. ସଂପାଦକୀୟ। *ପ୍ରଜ୍ଞା*। ୧ମ ବର୍ଷ, ୨ୟ ସଂଖ୍ୟା। ୧୯୬୦ ଅଗଷ୍ଟ।
4. ୪. ମହାନ୍ତି ଯ ମୋ। *ସୂର୍ଯ୍ୟସ୍ନାତା*। ଭୁବନେଶ୍ୱର: ଏଥେନା ବୁକ୍ସ; ୨୦୨୨। ପୃ. ୧୬୯।
5. ୫. କୁଇଲା ରା ଗୋ। *ଗୁରୁପ୍ରସାଦଙ୍କ କାବ୍ୟ ମାନସ, ଦୃଷ୍ଟି ଓ ଦର୍ଶନ*। କଟକ: ବିଜୟିନୀ ପବ୍ଲିକେଶନ୍ସ; ୨୦୨୩। ପୃ. ୨୮୦।
6. ୬. ପଣ୍ଡା ନା। *ସମୁଦ୍ରସ୍ନାନ*। କଟକ: ଅଗ୍ରଦୂତ; ୨୦୦୯। ପୃ. ୭୦।
7. ୭. ସାହୁ ବି ପ୍ର। *ତୁଳନାତ୍ମକ ସାହିତ୍ୟ ସଂଚୟନ*। "ଗୁରୁପ୍ରସାଦଙ୍କ 'କାଳପୁରୁଷ' ଓ ଟି.ଏସ୍. ଏଲିୟଟଙ୍କ 'ଦ ୱେଷ୍ଟ ଲେଣ୍ଡ': ଏକ ଅନୁଶୀଳନ"। ଜୟସିଂହ ଭା। ପୃ. ୨୯୫।



**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution (CC BY 4.0) license. This license permits unrestricted use, distribution, and reproduction in any medium, provided the original author and source are credited.



**About the corresponding author**



**ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ** ଓଡ଼ିଆ ଭାଷା ଓ ସାହିତ୍ୟର ଜଣେ ପ୍ରତିଷ୍ଠିତ ଅଧ୍ୟାପକ ଓ ଗବେଷକ। ସେ କଳିଙ୍ଗ ମହାବିଦ୍ୟାଳୟ, ଘୁ. ଉଦୟଗିରି, କନ୍ଧମାଳରେ କାର୍ଯ୍ୟରତ। ଓଡ଼ିଆ ସାହିତ୍ୟ, ସମାଲୋଚନା ଓ ଭାଷା ଅଧ୍ୟୟନ କ୍ଷେତ୍ରରେ ତାଙ୍କର ଗବେଷଣାମୂଳକ ଅବଦାନ ଉଲ୍ଲେଖନୀୟ।




© 2025 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/